# NATIONAL NEWS BULLETIN (ODIA)
## 12th October - 2026
## Evening Bulletin : 7.15 p.m.

**********************************

ଆକାଶବାଣୀ..... ସମ୍ବାଦ ପଢୁଛନ୍ତି..... **ଚନ୍ଦନ ଘୋଷ**

## ମୁଖ୍ୟ ସମ୍ବାଦ

- ୨୦୩୦ ସୁଦ୍ଧା ଭାରତ-ବ୍ରିଟେନ୍ ଦ୍ୱିପକ୍ଷୀୟ ବାଣିଜ୍ୟ କାରବାରକୁ ଦୁଇଗୁଣ କରିବା ଲାଗି କେନ୍ଦ୍ର ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରୀଙ୍କ ଆହ୍ୱାନ ।
- ବିଭିନ୍ନ ବୈଶ୍ୱିକ ଆହ୍ୱାନଗୁଡ଼ିକର ମୁକାବିଲା ପରିପ୍ରେକ୍ଷୀରେ ମାନବିକ ଅଧିକାର ସୁରକ୍ଷାକୁ ଅଧିକ ସଶକ୍ତ କରିବା ଉପରେ ଏନ୍.ଏଚ୍.ଆର୍.ସି. ଅଧ୍ୟକ୍ଷଙ୍କ ଗୁରୁତ୍ୱାରୋପ ।
- ଭାରତ ପ୍ରଥମ ବିମ୍‌ଷ୍ଟେକ୍ ସ୍ୱରାଷ୍ଟ୍ର ମନ୍ତ୍ରୀସ୍ତରୀୟ ବୈଠକ ଆସନ୍ତାକାଲି ଆୟୋଜନ କରିବ ନୂଆଦିଲ୍ଲୀରେ ।
- ଚଳିତ ବର୍ଷ ଅର୍ଥନୀତିରେ ନୋବେଲ୍ ପୁରସ୍କାର ପାଇଁ ଆମେରିକୀୟ ଅର୍ଥନୀତିଜ୍ଞ ରବର୍ଟ ଇ. ହଲ୍ ଏବଂ ମାଇକେଲ୍ ଉଡ୍‌ଫୋର୍ଡ଼ ମନୋନୀତ ।

ଏବଂ

- ଭାରତର କ୍ରୀଡ଼ା ଇକୋସିଷ୍ଟମ୍ ସହିତ ଭିତ୍ତିଭୂମିକୁ ସଶକ୍ତ କରିବା ଦିଗରେ ସରକାରଙ୍କ ପ୍ରତିବଦ୍ଧତା ଦୋହରାଇଲେ ପ୍ରତିରକ୍ଷା ମନ୍ତ୍ରୀ ।

## ଗୋୟଲ୍ - ଇଣ୍ଡିଆ-ୟୁ.କେ.

୨୦୩୦ ସୁଦ୍ଧା ଭାରତ-ବ୍ରିଟେନ୍ ଦ୍ୱିପକ୍ଷୀୟ ବାଣିଜ୍ୟ କାରବାରକୁ ଦୁଇଗୁଣିତ କରିବା ଲାଗି ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରୀ ପୀୟୂଷ ଗୋୟଲ୍ ଆହ୍ୱାନ ଦେଇଛନ୍ତି । ନୂଆଦିଲ୍ଲୀରେ ଆଜି ଭାରତ-ବ୍ରିଟେନ୍ ଯୁଗ୍ମ ଅର୍ଥନୈତିକ ଏବଂ ବାଣିଜ୍ୟ କମିଟିର ଷୋଡ଼ଶ ଅଧିବେଶନରେ ଉଦ୍‌ବୋଧନ ଦେଇ ସେ ଏହା କହିଛନ୍ତି । ନିରନ୍ତର ଆଲୋଚନା, ସଶକ୍ତ ସାଙ୍ଗଠନିକ ବ୍ୟବସ୍ଥା ଓ ଭାଗିଦାରୀ ମାଧ୍ୟମରେ ଭାରତ-ବ୍ରିଟେନ୍ ଅର୍ଥନୈତିକ ସହଯୋଗକୁ ଅଧିକ ସୁଦୃଢ଼ କରିବା ଦିଗରେ ଭାରତର ପ୍ରତିବଦ୍ଧତାକୁ ଶ୍ରୀ ଗୋୟଲ୍ ଦୋହରାଇଛନ୍ତି । ଏହାଛଡ଼ା ଭାରତ-ବ୍ରିଟେନ୍ ସମନ୍ୱିତ ଅର୍ଥନୈତିକ ଓ ବାଣିଜ୍ୟ ଚୁକ୍ତିନାମାର ସୁଯୋଗକୁ ସଦୁପଯୋଗ କରି ବାଣିଜ୍ୟ, ପୁଞ୍ଜିନିବେଶ, ଭାଗିଦାରୀ ଓ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ଉପରେ ସେ ଗୁରୁତ୍ୱାରୋପ କରିଛନ୍ତି । ଭାରତ ବର୍ତ୍ତମାନ ବ୍ରିଟେନ୍‌କୁ ସ୍ମାର୍ଟଫୋନ୍, ଔଷଧ, ଅଳଙ୍କାର, ବୟନ ଶିଳ୍ପ, ଚମଡ଼ା ସାମଗ୍ରୀ, ଧାନ ଓ ନିର୍ଦ୍ଦିଷ୍ଟ କୃଷି ସାମଗ୍ରୀ ସମେତ ଲୁହା ଓ ବିଭିନ୍ନ ଯନ୍ତ୍ରାଂଶ ରପ୍ତାନୀ କରୁଥିବାବେଳେ ବ୍ରିଟେନ୍‌ରୁ ଇଲେକ୍ଟ୍ରୋନିକ୍ସ ଓ ବିଦ୍ୟୁତ୍ ସାମଗ୍ରୀ ଏବଂ

ମୋଟର୍ କାର୍ ଯନ୍ତ୍ରାଂଶ ଭାରତ ଆମଦାନୀ କରୁଛି ବୋଲି ଶ୍ରୀ ଗୋୟଲ୍ କହିଛନ୍ତି ।

## ଏନ୍.ଆର୍.ଏଚ୍.ସି.

ବିଭିନ୍ନ ବୈଶ୍ୱିକ ତଥା ଆଧୁନିକ ଜ୍ଞାନକୌଶଳଗତ ଆହ୍ୱାନଗୁଡ଼ିକର ମୁକାବିଲା ପରିପ୍ରେକ୍ଷୀରେ ମାନବିକ ଅଧିକାର ସୁରକ୍ଷାକୁ ଅଧିକ ସଶକ୍ତ କରିବା ଉପରେ ମତ ପ୍ରକାଶ ପାଇଛି । ଆଜି ନୂଆଦିଲ୍ଲୀରେ ଜାତୀୟ ମାନବ ଅଧିକାର କମିଶନ୍‌ର ୩୩ତମ ପ୍ରତିଷ୍ଠା ଦିବସ ପାଳନ ଅବସରରେ ଆୟୋଜିତ ସମାରୋହରେ ଉଦ୍‌ବୋଧନ ଦେଇ ଏହାର ଅଧ୍ୟକ୍ଷ ଜଷ୍ଟିସ୍ ଭି. ରାମସୁବ୍ରମଣ୍ୟନ୍ ଏହା କହିଛନ୍ତି । ସେ କହିଛନ୍ତି, ସମଗ୍ର ବିଶ୍ୱ ସ୍ୱାସ୍ଥ୍ୟସେବା, ଶିକ୍ଷା, ଜୀବନଶୈଳୀର ମାନରେ ପ୍ରଗତି କରିପାରିଥିବା ସମୟରେ ଜଳବାୟୁ ପରିବର୍ତ୍ତନ, ଅର୍ଥନୈତିକ ଓ ସାମାଜିକ ଅସମାନତା’ ଲକ୍ଷ ଲକ୍ଷ ଲୋକଙ୍କୁ ପ୍ରଭାବିତ କରୁଛି । ଡିଜିଟାଲ୍ ଗୋପନୀୟତା ଓ ନିରୀକ୍ଷଣ ବ୍ୟବସ୍ଥାର କୁପ୍ରଭାବ ଉପରେ ଉଦ୍‌ବେଗ ପ୍ରକାଶ କରିବା ସହିତ ଏହାଦ୍ୱାରା ସାଧାରଣ ଜନମତ ପ୍ରଭାବିତ ହେବାର ଆଶଙ୍କା ରହିଛି ବୋଲି ଆୟୋଗର ଅଧ୍ୟକ୍ଷ ମତବ୍ୟକ୍ତ କରିଛନ୍ତି । ଏହି ପରିପ୍ରେକ୍ଷୀରେ ପରବର୍ତ୍ତିତ ସମାଜ ସହିତ ନିଜକୁ ଖାପଖୁଆଇ କାର୍ଯ୍ୟ ବ୍ୟବସ୍ଥାକୁ ସଶକ୍ତ କରିବା ସହିତ ସାଧାରଣ

ଜନତାଙ୍କ ସ୍ୱାଧୀନତା ଏବଂ ସମ୍ମାନକୁ ସୁରକ୍ଷିତ ରଖିବା ଦିଗରେ ନିଜର ପ୍ରତିବଦ୍ଧତା ଜାହିର କରିବ ଲାଗି ଜଷ୍ଟିସ୍ ସୁବ୍ରମଣ୍ୟନ୍ ମାନବ ଅଧିକାର ଅନୁଷ୍ଠାନଗୁଡ଼ିକୁ ଆହ୍ୱାନ ଦେଇଛନ୍ତି ।

## ଶାହା - ବିମ୍‌ଷ୍ଟେକ୍

ନୂଆଦିଲ୍ଲୀରେ ଆସନ୍ତାକାଲି ଭାରତ ପ୍ରଥମ ବିମ୍‌ଷ୍ଟେକ୍ ସ୍ୱରାଷ୍ଟ୍ର ମନ୍ତ୍ରୀସ୍ତରୀୟ ବୈଠକ ଆୟୋଜନ କରିବ । ଏହି ବୈଠକରେ ଯୋଗଦେବା ଲାଗି ସଦସ୍ୟ ରାଷ୍ଟ୍ରଗୁଡ଼ିକର ମନ୍ତ୍ରୀ ଏବଂ ଅଧିକାରୀମାନଙ୍କୁ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା ସ୍ୱାଗତ କରିଛନ୍ତି । ସାମାଜିକ ଗଣମାଧ୍ୟମରେ ପୋଷ୍ଟକରି ଶ୍ରୀ ଶାହା କହିଛନ୍ତି, ଆତଙ୍କବାଦ, ସଙ୍ଗଠିତ ଅପରାଧ, ନିଶାଦ୍ରବ୍ୟ ଚୋରାଚାଲାଣ, ବେଆଇନ ଅର୍ଥ କାରବାର ଏବଂ ସାଇବର ଆତଙ୍କ ବିପକ୍ଷ ଲଢ଼େଇ ପ୍ରସଙ୍ଗରେ ବିମ୍‌ଷ୍ଟେକ୍ ରାଷ୍ଟ୍ରଗୁଡ଼ିକ ମଧ୍ୟରେ ସହଯୋଗକୁ ଅଧିକ ସଶକ୍ତ କରିବା ହେଉଛି ଏହି ସମ୍ମିଳନୀର ମୁଖ୍ୟ ଉଦ୍ଦେଶ୍ୟ । ନିଷ୍ପତ୍ତିମୂଳକ ସଂଯୋଜନା ମାଧ୍ୟମରେ ଏକ ସୁରକ୍ଷିତ, ସଶକ୍ତ ବିମ୍‌ଷ୍ଟେକ୍ ଅଞ୍ଚଳ ନିର୍ମାଣ କରିବା ଦିଗରେ ସମ୍ପୃକ୍ତ ରାଷ୍ଟ୍ରଗୁଡ଼ିକ ପ୍ରତିବଦ୍ଧ ବୋଲି ସ୍ୱରାଷ୍ଟ୍ର ମନ୍ତ୍ରୀ ଶ୍ରୀ ଶାହା ଉଲ୍ଲେଖ କରିଛନ୍ତି ।

# ସେବା ସଂକଳ୍ପ - ଏଫ୍.ଡି.ଆଇ. ପଲିସି

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସାର୍ବଜନୀନ ଜୀବନରେ ୨୫ ବର୍ଷ ପୂରଣ କରିଛନ୍ତି। 'ଜନସେବାରୁ ଦେଶସେବା' ମନ୍ତ୍ରକୁ ଆଧାର କରି ତାଙ୍କର ଏହି ଜୟଯାତ୍ରା ଜାରି ରହିଛି। 'ସେବା ଓ ସୁଶାସନ'ର ଏହି ଦୃଷ୍ଟିକୋଣକୁ ନେଇ ୨୦୪୭ ସୁଦ୍ଧା ବିକଶିତ ଭାରତ ଗଠନର ଲକ୍ଷ୍ୟ ହାସଲ ଦିଗରେ ସରକାର ନିରନ୍ତର କାର୍ଯ୍ୟ କରୁଛନ୍ତି। ସମାବେଶୀ ବିକାଶ ଓ ସାମାଜିକ ସଶକ୍ତିକରଣ ମାଧ୍ୟମରେ ଏହି ପ୍ରୟାସ ଜନଜୀବନରେ ପରିବର୍ତ୍ତନ ଆଣିଛି। ଆମର ଏହି ବିଶେଷ ଶୃଙ୍ଖଳାରେ ଆଜି ଆମେ ଆପଣମାନଙ୍କୁ 'ପ୍ରତ୍ୟକ୍ଷ ବିଦେଶୀ ପୁଞ୍ଜିନିବେଶ ନୀତି - ଏଫ୍.ଡି.ଆଇ. ପଲିସୀ' ସମ୍ପର୍କରେ ସୂଚନା ପ୍ରଦାନ କରୁଛୁ ।

ଗତ ଏକ ଦଶନ୍ଧିରୁ ଊର୍ଦ୍ଧ୍ୱ ସମୟ ଧରି ଭାରତର ପ୍ରତ୍ୟକ୍ଷ ବିଦେଶୀ ପୁଞ୍ଜିନିବେଶ ନୀତିରେ ପ୍ରମୁଖ ରୂପାନ୍ତରୀକରଣ କରାଯାଇଛି । ଦେଶକୁ ବହୁ ପରିମାଣର ବିଦେଶୀ ନିବେଶକୁ ଆକୃଷ୍ଟ କରିବା ଲାଗି ସରକାର ଅନେକ କ୍ଷେତ୍ରରେ ନିୟମଗୁଡ଼ିକୁ କୋହଳ କରିଛନ୍ତି । ବିଶେଷକରି ପ୍ରତିରକ୍ଷା, ଟେଲି ଯୋଗାଯୋଗ, ବୀମା ଓ ମହାକାଶ ଆଦି କ୍ଷେତ୍ରରେ ସରକାର ଏଫ୍.ଡି.ଆଇ. ସର୍ତ୍ତଗୁଡ଼ିକୁ ଉଲ୍ଲେଖନୀୟ ଭାବେ ସରଳ କରିଛନ୍ତି । ପ୍ରତିରକ୍ଷା କ୍ଷେତ୍ରରେ ୭୪ ପ୍ରତିଶତ ପର୍ଯ୍ୟନ୍ତ ବିଦେଶୀ ନିବେଶକୁ ଅନୁମତି ମିଳିଥିବାବେଳେ ମହାକାଶ, ବୀମା ଓ ଟେଲି ଯୋଗାଯୋଗ କ୍ଷେତ୍ରରେ ଶତ ପ୍ରତିଶତ ଅନୁମତି ମିଳିଛି ।

୨୦୧୪ରୁ ୨୦୨୫ ମସିହା ମଧ୍ୟରେ ଭାରତ ୭୪୮ ବିଲିୟନ୍ ରେକର୍ଡ଼ ପରିମାଣର ଆମେରିକୀୟ ଡଲାର ଏଫ୍.ଡି.ଆଇ. ହାସଲ କରିବାରେ ସଫଳ ହୋଇଛି । ଭାରତରେ ପୁଞ୍ଜିନିବେଶ କରୁଥିବା ଦେଶଗୁଡ଼ିକର ସଂଖ୍ୟା ଅଣାନବେରୁ ବୃଦ୍ଧି ପାଇ ଇତିମଧ୍ୟରେ ୧୧୨ରେ ପହଞ୍ଚିଛି ।

ନୂଆଦିଲ୍ଲୀରେ ଆୟୋଜିତ ରୋଜଗାର ମେଳାରେ ଉଦ୍‌ବୋଧନ ଦେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି, ବର୍ତ୍ତମାନ ଭାରତରେ ଏକ ଶହରୁ ଉର୍ଦ୍ଧ୍ୱ ରାଷ୍ଟ୍ର ପୁଞ୍ଜିନିବେଶ କରିଛନ୍ତି । ଏହି ଏଫ୍.ଡି.ଆଇ. ନୀତିର ସଫଳତା ସମ୍ପର୍କରେ ଆଲୋକପାତ କରି ପ୍ରଧାନମନ୍ତ୍ରୀ କହିଛନ୍ତି :

***Voice (PM - FDI)*** :……

# ନୋବେଲ୍ ପ୍ରାଇଜ୍ - ଇକୋନୋମିକ୍ସ

ଆମେରିକୀୟ ଅର୍ଥନୀତିଜ୍ଞ ରବର୍ଟ ଇ. ହଲ୍ ଏବଂ ମାଇକେଲ୍ ଉଡ୍‌ଫୋର୍ଡ଼ଙ୍କୁ ଚଳିତ ବର୍ଷ ଅର୍ଥନୀତିରେ ନୋବେଲ୍ ପୁରସ୍କାର ପାଇଁ ମନୋନୀତ କରାଯାଇଛି । ଉଭୟ ଆର୍ଥିକ ମାନ୍ଦାବସ୍ଥା ଏବଂ ଅଭ୍ୟୁଦୟ ସମୟରେ ଅର୍ଥନୀତିକୁ ସ୍ଥିର ରଖିବାରେ ନୀତି ନିର୍ଦ୍ଧାରକମାନଙ୍କ ସହାୟତା ଲାଗି ସାମଗ୍ରିକ ଆର୍ଥିକ ମଡେଲ୍ ବିକାଶ କରିବା ନିମନ୍ତେ ଏହି ଦୁଇ ଅର୍ଥନୀତିଜ୍ଞଙ୍କୁ ନୋବେଲ୍ ପୁରସ୍କାର ପ୍ରଦାନ କରାଯିବ । ଏହି ମଡ଼େଲ୍ ବିଶ୍ୱବ୍ୟାପୀ ଆର୍ଥିକ ସ୍ଥିତିକୁ ସଶକ୍ତ କରିବା ଦିଗରେ ବିଭିନ୍ନ ସରକାର ଏବଂ

କେନ୍ଦ୍ରୀୟ ବ୍ୟାଙ୍କ୍‌ଗୁଡ଼ିକର ସହାୟକ ହୋଇପାରିଛି ବୋଲି ରୟାଲ୍ ସ୍ୱିଡିଶ୍ ଏକାଡେମୀ ଅଫ୍ ସାଇନ୍‌ସେସ୍ ପକ୍ଷରୁ କୁହାଯାଇଛି ।

## ଡିଫେନ୍ସ ମିନିଷ୍ଟର - ଫେଲିସିଟେଟ୍‌ସ୍ ଆଥ୍‌ଲେଟ୍‌ସ

ଜାପାନରେ ଅନୁଷ୍ଠିତ ଚଳିତ ଏସୀୟ କ୍ରୀଡ଼ା ପ୍ରତିଯୋଗିତାରେ ଭାରତ ପକ୍ଷରୁ ପଦକ ଜିତିଥିବା ସେନାର ତିନି ବାହିନୀର ପ୍ରତିଯୋଗୀମାନଙ୍କୁ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଆଜି ସମ୍ବର୍ଦ୍ଧିତ କରିଛନ୍ତି । ଏହି ପ୍ରତିଯୋଗୀମାନେ ୬ଟି ସ୍ୱର୍ଣ୍ଣ, ୧୧ଟି ରୌପ୍ୟ ଏବଂ ୧୦ଟି କାଂସକ୍ ସହିତ ମୋଟ୍ ୨୭ଟି ପଦକ ହାସଲ କରିଛନ୍ତି । ଭାରତ ଏହି ପ୍ରତିଯୋଗିତାରେ ମୋଟ୍ ୮୫ଟି ପଦକ ପାଇ ଚତୁର୍ଥ ସ୍ଥାନ ଅକ୍ତିଆର କରିଥିଲା । ଏହି ଅବସରରେ ଉଦ୍‌ବୋଧନ ଦେଇ ପ୍ରତିରକ୍ଷା ମନ୍ତ୍ରୀ ସେନାର ପ୍ରତିଯୋଗୀମାନଙ୍କର ଶୃଙ୍ଖଳା, କଠିନ ପରିଶ୍ରମ ଏବଂ ଦଳୀୟ ଭାବନାର ପ୍ରଶଂସା କରିଛନ୍ତି । ଏହି ଅବସରରେ ଶ୍ରୀ ସିଂହ’ ଭାରତର କ୍ରୀଡ଼ା ଇକୋସିଷ୍ଟମ୍ ସହିତ ଭିତ୍ତିଭୂମିକୁ ସଶକ୍ତ କରିବା, ଆଧୁନିକ ତାଲିମ କାର୍ଯ୍ୟକ୍ରମ ଏବଂ କ୍ରୀଡ଼ାବିତ୍‌ମାନଙ୍କ ଲାଗି ସୁଯୋଗ ସୃଷ୍ଟି କରିବା କ୍ଷେତ୍ରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱାଧୀନ ସରକାରଙ୍କ ପ୍ରତିବଦ୍ଧତା ଦୋହରାଇଛନ୍ତି । ଏତଦ୍‌ବ୍ୟତୀତ ପ୍ରତିଯୋଗୀମାନଙ୍କୁ ଚିହ୍ନଟ କରିବା ସହିତ ସେମାନଙ୍କର ପ୍ରତିଭାକୁ ବିକଶିତ କରାଇବା ଦିଗରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିବା

ମିଶନ୍ ଅଲିମ୍ପିକ୍ସ ୱିଙ୍ଗ୍, ସମ୍ପୃକ୍ତ ପ୍ରତିଯୋଗୀମାନଙ୍କର କୋଚ୍ ଓ ଅନ୍ୟାନ୍ୟ ବ୍ୟକ୍ତିବିଶେଷଙ୍କର ଭୂମିକା ଲାଗି ଶ୍ରୀ ସିଂହ ପ୍ରଶଂସା କରିଛନ୍ତି ।

***Voice (Rajnath Singh)*** :....

# ବ୍ରିକ୍ସ ଥିଏଟର୍ - ୨୦୨୬

ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀ ଗଜେନ୍ଦ୍ର ସିଂହ ଶେଖାୱତ୍ ଆଜି ନୂଆଦିଲ୍ଲୀରେ ବ୍ରିକ୍ସ ଥିଏଟର୍ ଫେଷ୍ଟିଭାଲ୍-୨୦୨୬ ଉଦ୍‌ଘାଟନ କରିଛନ୍ତି । ଉଦ୍‌ଘାଟନୀ ସମାରୋହରେ ଉଦ୍‌ବୋଧନ ଦେଇ ଶ୍ରୀ ଶେଖାୱତ୍ କହିଛନ୍ତି, ସମଗ୍ର ବିଶ୍ୱ ଭୂ-ରାଜନୈତିକ ବିବାଦ, ଦ୍ୱନ୍ଦ୍ୱ ତଥା କ୍ରମବର୍ଦ୍ଧିଷ୍ଣୁ ଅନିଶ୍ଚିତତା ଦେଇ ଗତି କରୁଥିବା ସମୟରେ ବୈଶ୍ୱିକ ଶାନ୍ତି ଓ ବିଶ୍ୱାସ ସ୍ଥାପନା ଦିଗରେ ସଂସ୍କୃତି ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିପାରିବ । ସ୍ନେହ ଓ ସାହସ ମାଧ୍ୟମରେ ଭାଷାଗତ ତଥା ସାଂସ୍କୃତିକ ବିବିଧତା ମାଧ୍ୟମରେ ଥିଏଟର ହିଁ ବିଶ୍ୱ ସ୍ତରରେ ଶାନ୍ତି ପ୍ରତିଷ୍ଠା କରିପାରିବ ବୋଲି ଶ୍ରୀ ଶେଖାୱତ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି । ଆସନ୍ତା ବୁଧବାର ଦିନ ଶେଷ ହେବାକୁ ଥିବା ଏହି ସମାରୋହରେ ଭାରତ, ଥାଇଲାଣ୍ଡ, ଇଣ୍ଡୋନେସିଆ, ରୁଷ, ଭିଏତନାମ୍, ଇରାନ୍, ଦକ୍ଷିଣ ଆଫ୍ରିକା, କାଜାଖସ୍ତାନ ଓ ଇଥିଓପିଆର ଥିଲେଟର୍ ନିର୍ଦ୍ଦେଶକ, କଳାକାର, କୂଟନୀତିଜ୍ଞ ତଥା ପ୍ରତିନିଧିମାନେ ଅଂଶଗ୍ରହଣ କରିଛନ୍ତି ।

# ଦିଲ୍ଲୀ ପୁଲିସ୍ - ପ୍ରୋଟେଷ୍ଟ ସାଇଟ୍

ଦିଲ୍ଲୀରେ ବିଭିନ୍ନ ପ୍ରକାର ପ୍ରତିବାଦ ଓ ବିକ୍ଷୋଭ ପ୍ରଦର୍ଶନ ଲାଗି ପୁଲିସ୍ ପକ୍ଷରୁ ୩ଟି ନୂତନ ସ୍ଥାନ ଚୟନ କରାଯାଇଛି । ସେଗୁଡ଼ିକ ହେଲା - ରାମଲୀଲା ମଇଦାନ, ବୁରାରୀ ମଇଦାନ ଓ ସି.ବି.ଡି. ମଇଦାନ । ଦିଲ୍ଲୀ ପୁଲିସ୍ କମିଶନର୍ ଅନୁରାଗ କୁମାର ଏହି ଘୋଷଣା କରି କହିଛନ୍ତି, ଏଣିକି କୌଣସି ପ୍ରତିବାଦ ବା ବିକ୍ଷୋଭ ଯନ୍ତରମନ୍ତରଠାରେ କରାଯାଇପାରିବ ନାହିଁ । ଦିଲ୍ଲୀରେ ପ୍ରତିବାଦ ଏବଂ ବିକ୍ଷୋଭ ପ୍ରଦର୍ଶନ କରିବା ଲାଗି ଉପଯୁକ୍ତ ସ୍ଥାନ ଚୟନ ନିମନ୍ତେ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ଏକ କମିଟି ଗଠନ କରାଯାଇଥିଲା । ଏହି କମିଟିର ସୁପାରିସ୍ ଅନୁଯାୟୀ ଚୟନ ସ୍ଥାନରୁ ଯନ୍ତରମନ୍ତରକୁ ବାଦ୍ ଦିଆଯାଇଛି । ଏହି ୩ଟି ନୂତନ ଚିହ୍ନିତ ସ୍ଥାନ ସମ୍ପର୍କିତ ବିସ୍ତୃତ ଓ ସଂଶୋଧିତ ମାର୍ଗଦର୍ଶିକା ଖୁବ୍ ଶୀଘ୍ର ଜାରି କରାଯିବ ବୋଲି ଦିଲ୍ଲୀ ପୁଲିସ୍ ପକ୍ଷରୁ ସୂଚନା ଦିଆଯାଇଛି ।

*****